# NATIONAL NEWS BULLETIN (ODIA)

## 14 June - 2026

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ମଧ୍ୟରେ ବିଶ୍ୱସ୍ତରୀୟ ରଣନୈତିକ ସହଭାଗିତା ନେଇ ପ୍ରତିନିଧିସ୍ତରୀୟ ଆଲୋଚନା
- ଗିନିସ ବିଶ୍ୱରେକର୍ଡରେ ସ୍ଥାନିତ ହେଲା ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ବିଶ୍ୱସ୍ତରୀୟ ଅନଲାଇନ୍ ଯୋଗ କାର୍ଯ୍ୟକ୍ରମ
- ଓମାନ୍ ଉପକୂଳରେ ଭାରତୀୟ ପତାକାଧାରୀ ଜାହାଜ ବିରାଟ-୧ରେ ଇଞ୍ଜିନ୍ ଜନିତ ତ୍ରୁଟି; ଉଦ୍ଧାର ହେଲେ ସମସ୍ତ କ୍ରୁ ସଦସ୍ୟ
- ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ମ୍ୟାଚ ଜାରି

ଏବଂ

- ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଆଜି ଜର୍ମାନୀ ଓ କୁରାସାଓ ମଧ୍ୟରେ ହେବ ମ୍ୟାଚ୍

# ପିଏମ୍ ନାଇସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ମଧ୍ୟରେ ଫ୍ରାନ୍ସର ନିସ୍ ସହରସ୍ଥିତ ଐତିହାସିକ ଭିଲ୍ଲା କେରିଲୋସଠାରେ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଚାଲିଥିବା ଏହି ଆଲୋଚନା ଦୁଇ ଦେଶ ମଧ୍ୟରେ 'ବିଶ୍ୱସ୍ତରୀୟ ରଣନୀତିକ ସହଭାଗିତା' ର ସମ୍ପ୍ରସାରଣ ଉପରେ ପର୍ଯ୍ୟବେସିତ। ଏଥିସହ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ବାଣିଜ୍ୟ କ୍ଷେତ୍ର ମଧ୍ୟ ସାମିଲ ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଆଜି ଫ୍ରାନ୍ସର ନିସ୍ ସହରସ୍ଥିତ 'ପାଲେସ ଡେସ୍ ଏକ୍ସପୋଜିସନ'ଠାରେ ମିଳିତ ଭାବେ 'ଭାରତ ଇନୋଭେଟ୍ସ' କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ଏହା  ଭାରତ' ଦ୍ରୁତ ଗତିରେ ସମ୍ପ୍ରସାରିତ ହେଉଥିବା ନବସୃଜନ ଏବଂ ଷ୍ଟାର୍ଟଅପ୍ ବ୍ୟବସ୍ଥାକୁ ପ୍ରଦର୍ଶିତ କରୁଛି। 'ଭାରତ-ଫ୍ରାନ୍ସ ନବସୃଜନ ବର୍ଷ' ଅନ୍ତର୍ଗତ ଆୟୋଜିତ ଏହି ପ୍ରମୁଖ କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ ଭାରତୀୟ ଷ୍ଟାର୍ଟଅପ୍ ଏବଂ ସମଗ୍ର ବିଶ୍ୱର ପ୍ରମୁଖ ନିବେଶକାରୀ, ପ୍ରଯୁକ୍ତିବିଦ୍ୟା ନେତୃବୃନ୍ଦ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡ଼ିକ ଅଂଶଗ୍ରହଣ କରିଛନ୍ତି। ଏଥିରେ ଉନ୍ନତୀ କମ୍ପ୍ୟୁଟିଂ

ବ୍ୟବସ୍ଥା, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା, ମହାକାଶ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି ଏବଂ ଜୈବ ପ୍ରଯୁକ୍ତିବିଦ୍ୟା ସମେତ ୧୩ଟି ପ୍ରମୁଖ କ୍ଷେତ୍ରର ନବସୃଜନଗୁଡ଼ିକୁ ସ୍ଥାନିତ କରାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଭାରତ ଇନୋଭେଟ୍ସ' ଭାରତର ପ୍ରତିଭା ଏବଂ ୟୁରୋପୀୟ ପୁଞ୍ଜି ମଧ୍ୟରେ ଏକ ସେତୁ ଭାବେ ଉଭା ହୋଇଛି । ଏହା ଯୁବ ନବସୃଜନକାରୀମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କ  ସହ ସଂଯୋଗ କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି । ଭାରତର ଷ୍ଟାର୍ଟଅପ୍ ବିପ୍ଲବ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ଯୁବପିଢ଼ି କୃତ୍ରିମ ବୁଦ୍ଧିମତା ଓ ମହାକାଶ ପ୍ରଯୁକ୍ତିବିଦ୍ୟା ଠାରୁ ଆରମ୍ଭ କରି ସବୁଜ ଶକ୍ତି, ଉନ୍ନୀତ ନିର୍ମାଣ ବ୍ୟବସ୍ଥା ଏବଂ ପ୍ରତିରକ୍ଷା ନବସୃଜନ ଭଳି କ୍ଷେତ୍ରରେ ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ସମାଧାନ ପ୍ରସ୍ତୁତ କରୁଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତରେ ଆଜି ଦୁଇ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛି ଏବଂ ଦେଶ 'ମାନବିକତା ପାଇଁ ପ୍ରଯୁକ୍ତିବିଦ୍ୟା'  ନୀତି ଦ୍ୱାରା ପରିଚାଳିତ ଏକ ମାନବ-କେନ୍ଦ୍ରିକ ନବସୃଜନ ମଡେଲକୁ ପ୍ରସାରିତ କରୁଛି ।

**VO-PM-ON-AI**

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ’ ଭାରତ ବିଶ୍ୱସ୍ତରୀୟ ନବସୃଜନ ଶକ୍ତି କେନ୍ଦ୍ର ଭାବେ ଅଭ୍ୟୁଦୟ ହୋଇଥିବାରୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଆଜି ପ୍ରଶ୍ନ ଏହା ନୁହେଁ ଯେ ଭାରତ ନବସୃଜନ କରୁଛି କି ନାହିଁ, ବରଂ ପ୍ରଶ୍ନ ହେଉଛି କିଏ ଭାରତ ସହିତ ମିଶି ନବସୃଜନ କରିବ। ସେ ଭାରତର ବିପୁଳ ଇଞ୍ଜିନିୟରିଂ ପ୍ରତିଭା ଉପରେ ଆଲୋକପାତ କରିବା ସହ ଦେଶର ବୈଷୟିକ ଉତ୍କର୍ଷର ଉଦାହରଣ ଭାବେ ଚନ୍ଦ୍ରଯାନ ମିଶନର ସଫଳତାକୁ ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ମାକ୍ରୋନ କହିଛନ୍ତି, ‘ଭାରତ ଇନୋଭେଟ୍ସ’ ଭାରତର ନବସୃଜନ ବ୍ୟବସ୍ଥା ଏବଂ ଫ୍ରାନ୍ସର ସମୃଦ୍ଧ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ମଧ୍ୟରେ ଏକ ଦୃଢ଼ ସେତୁ ସ୍ଥାପନ କରୁଛି। ଭାରତ ବାହାରେ ଏହି ପଦକ୍ଷେପର ପ୍ରଥମ ସଂସ୍କରଣକୁ ଆୟୋଜନ କରିବା ଫ୍ରାନ୍ସ ପାଇଁ ଏକ ଗୌରବର ବିଷୟ ବୋଲି ସେ କହିଛନ୍ତି।

ଏହି ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପିୟୂଷ ଗୋୟଲ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ଅଜୟ କୁମାର ସୁଦ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପିୟୂଷ ଗୋୟଲ କହିଛନ୍ତି ଯେ, ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଏବଂ

ବୈଷୟିକ ପରିବର୍ତ୍ତନ ସମୟରେ ଭାରତ ଏକ ବିଶ୍ୱସନୀୟ ସହଯୋଗୀ ଭାବେ ଉଭା ହେଉଛି। ଭାରତର ଯୁବ ଜନସଂଖ୍ୟା, ବିପୁଳ ପ୍ରତିଭା ଏବଂ ସମୃଦ୍ଧ ନବସୃଜନ ବ୍ୟବସ୍ଥା ଉପରେ ଆଲୋକପାତ କରି ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ବର୍ତ୍ତମାନ ୨ ଦଶମିକ ୩ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛି। ଶ୍ରୀ ଗୋୟଲ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୧୨୦ ଜଣ ନବସୃଜନକାରୀ ଭାରତର ସାମର୍ଥ୍ୟର ମାତ୍ର ଏକ କ୍ଷୁଦ୍ର ଅଂଶକୁ ପ୍ରତିନିଧିତ୍ୱ କରୁଛନ୍ତି।

## ଅନ୍‌ଲାଇନ ଯୋଗ ଅଧିବେଶନ

ଆୟୁଷ ମନ୍ତ୍ରଣାଳୟ ତରଫରୁ ଆଜି ଅନୁଷ୍ଠିତ ବିଶ୍ୱସ୍ତରୀୟ ଅନଲାଇନ ଯୋଗ କାର୍ଯ୍ୟକ୍ରମ ଗିନିସ୍ ବିଶ୍ୱରେକର୍ଡରେ ସ୍ଥାନିତ ହୋଇଛି। ୟୁ-ଟ୍ୟୁବ୍ ଲାଇଭ୍ ଷ୍ଟ୍ରିମିଂ ଯୋଗେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ୧୩୦ରୁ ଅଧିକ ଦେଶ ଅଂଶଗ୍ରହଣ କରିଥିଲେ।

ଆନ୍ତର୍ଜାତିକ ଯୋଗଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆୟୁଷ ମନ୍ତ୍ରଣାଳୟ, ମୋରାରଜି ଦେଶାଇ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଯୋଗ ଏବଂ ହାବିଲ୍ଡ ସହଯୋଗରେ ଏହି ଅନ୍‌ଲାଇନ୍ ଅଧିବେଶନ ଆୟୋଜିତ ହୋଇଥିଲା। ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଅଧିବେଶନରେ ୪ ଲକ୍ଷ ୩୫ ହଜାରରୁ ଅଧିକ ଥର ଦର୍ଶକ ଏହାକୁ ଦେଖିଛନ୍ତି। ୨୦୨୪ରେ ସ୍ଥାପନ ହୋଇଥିବା ରେକର୍ଡସଂଖ୍ୟକ ୨ ଲକ୍ଷ ୪୬ ହଜାର ଦର୍ଶକଙ୍କ ସଂଖ୍ୟାକୁ ମଧ୍ୟ ଏଥର ଅତିକ୍ରମ କରିଥିବା ମନ୍ତ୍ରଣାଳୟ କହିଛି।

ଏହି ସଫଳତା ପାଇଁ ଆୟୁଷ ମନ୍ତ୍ରୀ ପ୍ରତାପରାଓ ଯାଦବ ବିଶ୍ୱର ଅଂଶଗ୍ରହଣକାରୀ ଦେଶଗୁଡ଼ିକର ନାଗରିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ବିଶ୍ୱସ୍ତରରେ ବୃଦ୍ଧି ହୋଇଥିବା ଯୋଗର ଗ୍ରହଣୀୟତାକୁ ଏହା ପ୍ରତିଫଳିତ କରୁଛି। ଅଧିବେଶନ କାଳରେ ମନ୍ତ୍ରୀ ଶ୍ରୀ ଯାଦବ କହିଥିଲେ, ଯୋଗାଭ୍ୟାସ ଏବେ ବିଶ୍ୱସ୍ତରରେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଜାତିସଂଘ ଦ୍ୱାରା ଆନ୍ତର୍ଜାତିକ ଯୋଗଦିବସକୁ ମାନ୍ୟତା ପ୍ରଦାନ ଭାରତ ପାଇଁ ଗର୍ବର ବିଷୟ।

ଦୈନନ୍ଦିନ ଜୀବନରେ ଯୋଗକୁ ଏକ ଅଂଶ ଭାବେ ଗ୍ରହଣ କରିବାକୁ ଶ୍ରୀ ଯାଦବ ସମସ୍ତଙ୍କୁ ଆହ୍ୱାନ ଦେବାସହିତ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଯୋଗଦିବସ କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ହର୍ ଘର ଯୋଗ, ହର୍ ଦିନ୍ ଯୋଗର ସଂକଳ୍ପକୁ ଆଗେଇ ନେବାକୁ ମନ୍ତ୍ରୀ ଶ୍ରୀ ଯାଦବ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

## ଇଣ୍ଡିଆନ୍ ଭେସେଲ ଓମାନ

ଓମାନ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଓମାନ ଉପକୂଳ ନିକଟରେ ଭାରତୀୟ ପତକାଧାରୀ ଜାହାଜ 'ବିରାଟ-୧'ର ଇଞ୍ଜିନରେ ତ୍ରୁଟି ଘଟିଛି। ଏହି ଜାହାଜରେ ୧୪ ଜଣ ଭାରତୀୟ ଥିଲେ। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଦୂତାବାସ ପକ୍ଷରୁ ସୂଚନା

ଦିଆଯାଇଛି, ସମସ୍ତ ୧୪ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇ 'ଏମଭି ଜବଲ ଅଲି ୯' ନାମକ ଅନ୍ୟ ଏକ ଜାହାଜରେ ସ୍ଥାନାନ୍ତରିତ କରାଯାଇଛି। ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ବିରାଟ ୧' ଜାହାଜଟି ବୁଡ଼ି ଯାଇଥିବା ଜଣାଯାଇଛି।

## ଓମାନ୍-ଏମ୍ଭାସି ନିଶାନ୍ତ

ଓମାନର ମସ୍କାଟସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ଶାରୀରିକ ଅସୁସ୍ଥତା ଯୋଗୁଁ 'ଏମଟି ସେଲେଷ୍ଟିଆଲ' ଜାହାଜରେ ପ୍ରାଣ ହରାଇଥିବା ଭାରତୀୟ ନାଗରିକ ନିଶାନ୍ତ ଓ୍ୱିର'ଥାନାଥନଙ୍କ ସମ୍ପର୍କରେ ସେମାନେ ସ୍ଥାନୀୟ ଓମାନୀ କର୍ତ୍ତୃପକ୍ଷ, ବନ୍ଦର ଅଧିକାରୀ ଏବଂ ସିପିଂ କମ୍ପାନୀ ସହିତ ସକ୍ରିୟ ସମନ୍ୱୟ ରକ୍ଷା କରୁଛନ୍ତି। ସାମାଜିକ ଗଣମାଧମରେ ପୋଷ୍ଟ କରି ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି, ଜାହାଜଟି ଖୁବ୍ ଶୀଘ୍ର ଦୁକମ୍ ବନ୍ଦରରେ ପହଞ୍ଚିବାର ସମ୍ଭାବନା ରହିଛି। ଏହା ସହିତ ଜାହାଜରୁ ପାର୍ଥିବ ଶରୀରକୁ ଠିକ୍ ସମୟରେ ବାହାର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଛି। ନିଶାନ୍ତଙ୍କ ମରଶରୀରକୁ ଯଥାଶୀଘ୍ର ଭାରତ ପଠାଇବା ପାଇଁ ସମସ୍ତ ଆନୁଷ୍ଠାନିକ ପ୍ରକ୍ରିୟା ଜାରି ରହିଛି ବୋଲି ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି।

## ଇସ୍ରାଏଲ-ହେଜବୁଲ୍ଲା ଆଟାକ

ଲେବାନନର ରାଜଧାନୀରେ ଇରାନ-ସମର୍ଥିତ ସଶସ୍ତ୍ର ଗୋଷ୍ଠୀ ହେଜବୁଲ୍ଲାର ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିବା ଇସ୍ରାଏଲ ସେନା ପକ୍ଷରୁ ଆଜି ଘୋଷଣା କରାଯାଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଉତ୍ତର ଇସ୍ରାଏଲ ଉପରେ ହିଜବୁଲ୍ଲା କରିଥିବା ଆକ୍ରମଣର ଜବାବରେ ଏହି ବିମାନ ଆକ୍ରମଣ କରାଯାଇଛି। ସପ୍ତାହକ ପୂର୍ବରୁ ଇସ୍ରାଏଲ କରିଥିବା ଶେଷ ଥର ପାଇଁ ବେରୁତର ନିକଟବର୍ତ୍ତୀ ଅଞ୍ଚଳରେ ଆକ୍ରମଣର ଇରାନ' ପାଲଟା ଜବାବରେ ଦେଇଥିଲା। ତେହେରାନ ପକ୍ଷରୁ କୁହାଯାଇଛି, ଆମେରିକା-ଇରାନ ମଧ୍ୟସ୍ଥତା ଅସ୍ତ୍ରବିରତି ଚୁକ୍ତିରେ ଲେବାନନ୍ ଉପରେ ହେଉଥିବା ଇସ୍ରାଏଲୀ ଆକ୍ରମଣର ଅନ୍ତ ମଧ୍ୟ ସାମିଲ ହେବା ଆବଶ୍ୟକ।

## ଜିତେନ୍ଦ୍ର- ସ୍ପେଶ୍ ଇକୋନୋମି

କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତର ମହାକାଶ ଅର୍ଥନୀତି ଆସନ୍ତା ଦଶନ୍ଧିରେ ପାଖାପାଖି ୪୦ରୁ ୪୫ ବିଲିୟନ୍ ଡଲାରରେ ପହଁଞ୍ଚିବ। ସମ୍ପ୍ରତି ମହାକାଶ ଅର୍ଥନୀତି ୮ରୁ ୯ ବିଲିୟନ୍ ଡଲାର ହୋଇଥିବା ବେଳେ ଏ କ୍ଷେତ୍ରରେ ଆଗାମୀ ଦିନରେ ଅଭିବୃଦ୍ଧି ସୁନିଶ୍ଚିତ ବୋଲି ସେ ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ମହାକାଶ ନୀତି ନିର୍ଦ୍ଧାରଣରେ ସଂସ୍କାର, ଏ କ୍ଷେତ୍ରରେ ଘରୋଇ ଭାଗିଦାରିତା ଏବଂ

ନବସୃଜନର ଦ୍ରୁତ ଅଭିବୃଦ୍ଧି ଯୋଗୁଁ ବିକାଶ ହୋଇପାରିଛି । ସେ କହିଛନ୍ତି, ଭାରତର ମହାକାଶ କ୍ଷେତ୍ରରେ ରୂପାନ୍ତରଣ' ଦେଶରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି । ଡକ୍ଟର ସିଂହ କହିଛନ୍ତି, ଭାରତର ମହାକାଶ କ୍ଷେତ୍ରରେ ଏହି ପରିବର୍ତ୍ତନ ସମଗ୍ର ଦେଶରେ ଘଟୁଥିବା ଏକ ବଡ଼ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି, ଯେଉଁଠାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଗବେଷଣାଗାର ସୀମାରୁ ବାହାରି ଜାତୀୟ ଚେତନାର ଏକ ଅଂଶ ପାଲଟିଛି । ସେ କହିଛନ୍ତି, ସାମ୍ପ୍ରତିକ ବର୍ଷଗୁଡିକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ ହେଉଛି ବିଜ୍ଞାନ ଏବଂ ସମାଜ ମଧ୍ୟରେ ବୃଦ୍ଧି ପାଉଥିବା ସମ୍ପର୍କ ।

ଶ୍ରୀ ସିଂହ କହିଛନ୍ତି, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବଢୁଥିବା ଗୁରୁତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି । ସ୍ୱଚ୍ଛ ଭାରତ, ଡିଜିଟାଲ୍ ଇଣ୍ଡିଆ, ଡିଜିଟାଲ୍ ହେଲ୍ଥ, ଗଭୀର ସମୁଦ୍ର ଅଭିଯାନ ଏବଂ ଗଗନଯାନ ଭଳି କାର୍ଯ୍ୟକ୍ରମଗୁଡ଼ିକ ଭାରତର ବିକାଶ ଯାତ୍ରାର କେନ୍ଦ୍ରରେ ବିଜ୍ଞାନ ଓ ନବସୃଜନକୁ ସ୍ଥାପିତ କରିବାରେ ସାହାଯ୍ୟ କରିଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

# ୱିମେନ୍ସ– ୱାର୍ଲଡକପ୍–କ୍ରିକେଟ

ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଚଳିତ ଦଶମ ସଂସ୍କରଣରେ ଆଜି ଭାରତ ତାର ଅଭିଯାନ ଆରମ୍ଭ କରିଛି । ବର୍ମିଂହାମ୍‌ର ଏଜବାଷ୍ଟନ କ୍ରିକେଟ ଖେଳପଡ଼ିଆରେ ଭାରତ ଓ ପାକିସ୍ତାନ

ମଧ୍ୟରେ ମ୍ୟାଚ୍ ଜାରି ରହିଛି। ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଓଭରରେ ୧ ୱିକେଟ୍ ହରାଇ ୧୦ ରନ୍ ସଂଗ୍ରହ କରିଛି।

# ଫିଫା ୱାର୍ଲଡ କପ

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଆଜି ଜର୍ମାନୀ ଓ କୁରାସାଓ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ଯୁକ୍ତରାଷ୍ଟ୍ର ଆମେରିକାର ହ୍ୟୁଷ୍ଟନଠାରେ ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ୍-ଇ ମ୍ୟାଚ୍ ଆଜି ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ଅନ୍ୟ ଏକ ମ୍ୟାଚ୍ ଗ୍ରୁପ୍-ଏଫ’ ଡାଲାସ୍ ଷ୍ଟାଡିୟମଠାରେ ନେଦରଲ୍ୟାଣ୍ଡସ ଏବଂ ଜାପାନ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୧ଟା ୩୦ ମିନିଟ୍‌ରେ ଆରମ୍ଭ ହେବ।

ଅଷ୍ଟ୍ରେଲିଆ ନିଜର ବିଶ୍ୱକପ୍ ଅଭିଯାନରେ ଏକ ଚମତ୍କାର ଆରମ୍ଭ କରି ଗ୍ରୁପ୍-ଡିର ପ୍ରଥମ ମ୍ୟାଚ୍‌ରେ ତୁର୍କୀକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ ମାସାଚୁସେଟ୍ସଠାରେ ହାଇତି ବିପକ୍ଷରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୧-୦ ଗୋଲ୍‌ରେ ବିଜୟ ହାସଲ କରି ଗ୍ରୁପ୍-ସି’ର ଶୀର୍ଷ ସ୍ଥାନରେ ପହଁଞ୍ଚିଛି।

# ଆର୍ଚେରୀ ଓ୍ୱାର୍ଲଡ କପ୍

ତୁର୍କୀର ଅଣ୍ଟାଲିଆଠାରେ ଚାଲିଥିବା ବିଶ୍ୱକପ୍ ତୃତୀୟ ପର୍ଯ୍ୟାୟ ତୀରଚାଳନା ପ୍ରତିଯୋଗିତାରେ ଭାରତର ଧିରଜ ବୋମ୍ମାଦେବରା ଏବଂ କୁମ୍‌କୁମ୍ ମୋହଦ ମିଳିତ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଫାଇନାଲ ମ୍ୟାଚ୍‌ରେ ଏହି ଭାରତୀୟ ପ୍ରତିଯୋଗୀମାନେ ଦକ୍ଷିଣ କୋରିଆର ୟେ-ଜିନ୍ ଏବଂ କିମ୍ ଜେ-ଡିଓକ୍‌ଙ୍କୁ ୫-୧ ଗୋଲ୍‌ରେ ପରାସ୍ତ କରିଛନ୍ତି । ଧିରଜ ଏବଂ କୁମ୍‌କୁମ୍‌ଙ୍କ ପାଇଁ ମିଳିତ ତୀରଚାଳନା ପ୍ରତିଯୋଗିତାରେ ଏହା ହେଉଛି ପ୍ରଥମ ବିଶ୍ୱକପ୍ ସ୍ୱର୍ଣ୍ଣପଦକ ।